CS (Main) Exam, 2019



# ଓଡ଼ିଆ

( ବାଧ୍ୟତାମୂଳକ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 300 |
|---|---|

## ପ୍ରଶ୍ନପତ୍ର ସଂପର୍କରେ ନିର୍ଦ୍ଦେଶାବଳୀ

**ଉତ୍ତର ଦେବା ପୂର୍ବରୁ ନିମ୍ନରେ ପ୍ରଦତ୍ତ ପ୍ରତ୍ୟେକଟି ନିର୍ଦ୍ଦେଶକୁ ଯତ୍ନର ସହିତ ପାଠ କର**

ପ୍ରତ୍ୟେକଟି ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରତ୍ୟେକଟି ପ୍ରଶ୍ନ/ପ୍ରଶ୍ନାଂଶ ନିକଟରେ ଏହାର ନମ୍ବର ଦିଆଯାଇଛି।

ଉତ୍ତର **ଓଡ଼ିଆରେ** (ଓଡ଼ିଆ ଲିପି) ବା ପ୍ରଶ୍ନର ନିର୍ଦ୍ଦେଶ ଅନୁସାରେ ହେବା ଆବଶ୍ୟକ।

ପ୍ରଶ୍ନରେ ଯେଉଁଠି ଶବ୍ଦ ସଂଖ୍ୟାର ନିର୍ଦ୍ଦେଶ ରହିଛି ତାହା ପାଳନୀୟ। ଯଦି ପ୍ରଶ୍ନରେ ନିର୍ଦ୍ଦେଶିତ ଶବ୍ଦସଂଖ୍ୟାଠାରୁ ଉତ୍ତର ଯଥେଷ୍ଟ ବେଶି ବା କମ ହୁଏ, ତେବେ ନମ୍ବର କମାଯାଇପାରେ।

ପ୍ରଶ୍ନ-ଉତ୍ତର ପୁସ୍ତିକାର କୌଣସି ପୃଷ୍ଠା ବା ପୃଷ୍ଠାର କିଛି ଅଂଶ ଖାଲି ରହୁଥିଲେ ତାକୁ ଗାର ପକେଇ କାଟିଦେବା ଆବଶ୍ୟକ।

# ODIA

**( Compulsory )**

| Time Allowed : Three Hours | Maximum Marks : 300 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

All questions are to be attempted.

The number of marks carried by a question/part is indicated against it.

Answers must be written in ODIA (Odia script) unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the Question-cum-Answer Booklet must be clearly struck off.

1. ନିମ୍ନୋକ୍ତ ଯେକୌଣସି **ଗୋଟିଏ** ବିଷୟରେ *600* ଶବ୍ଦ ମଧ୍ୟରେ ଏକ ପ୍ରବନ୍ଧ ଲେଖ : 100

(a) ସୃଜନଶୀଳତାକୁ ସମୃଦ୍ଧ କରୁଥିବା ଶିକ୍ଷାର ଆବଶ୍ୟକତା

(b) ଭାରତରେ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧିତ କଠିନତା (ଚାଲେଞ୍ଜେସ୍)

(c) କିଶୋର ମାନସିକତା ଉପରେ ଚଳଚ୍ଚିତ୍ରର ପ୍ରଭାବ

(d) ଭିନ୍ନକ୍ଷମଙ୍କର ସଶକ୍ତୀକରଣ

2. ନିମ୍ନୋକ୍ତ ପରିଚ୍ଛେଦଗୁଡ଼ିକୁ ପାଠକରି ଏହାର ଶେଷରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଦାନ କର : 12×5=60

କେତେ ହଜାର ବର୍ଷ ପୂର୍ବପର୍ଯ୍ୟନ୍ତ ମନୁଷ୍ୟ ପୃଥିବୀ ପୃଷ୍ଠରେ ଜଣେ ଶିକାରୀ ହିଁ ଥିଲା । ନୂତନ ପ୍ରସ୍ତର ଯୁଗ ବେଳକୁ ସେ କୃଷି ନିମନ୍ତେ ଏକତ୍ର ବସବାସ ଆରମ୍ଭ କରିନଥିଲା । ଇତସ୍ତତଃ ବହୁ ସ୍ଥାନ ଭ୍ରମଣ କରି ଖାଦ୍ୟ ଅନ୍ୱେଷଣ ନକରି ସେ ଭୂମି କର୍ଷଣ କରି ଖାଦ୍ୟଦ୍ରବ୍ୟ ବୃଦ୍ଧି କରିପାରିଲା । କୃଷି ବ୍ୟବସ୍ଥାରେ ସେ ଲଗାତାର ଉନ୍ନତି କରିଚାଲିଛି । ବର୍ତ୍ତମାନ ମଧ୍ୟରେ ସେ ପୂର୍ବ ଅପେକ୍ଷା ଅଧିକ ଉନ୍ନତ ମାନର ଶସ୍ୟ ଭୂମିରୁ ଉତ୍ପନ୍ନ କରିବାରେ ସକ୍ଷମ ହୋଇଛି । କିନ୍ତୁ ସମୁଦ୍ର କ୍ଷେତ୍ରରେ ସେ ତଥାପି ମୋଟାମୋଟି ଶିକାରୀ ଅବସ୍ଥାରେ ହିଁ ଅଛି । ସେ ମାଛ ଓ ଅନ୍ୟାନ୍ୟ ଜଳଜୀବ ଧରୁଛି, କିନ୍ତୁ ସେମାନଙ୍କର ବଂଶ ବୃଦ୍ଧି ଓ ଯୋଗାଣ ବ୍ୟବସ୍ଥାର ଉନ୍ନତି ନିମନ୍ତେ ପ୍ରୟାସ କରୁନାହିଁ । ତେଣୁ ଜଳ(ରେ) ଶିକାରରୁ ସେ ଯଥେଷ୍ଟ ପରିମାଣର ଅତ୍ୟଧିକ ପୁଷ୍ଟିକର ପ୍ରୋଟିନ୍ ପାଇଥାଏ ଓ ଯୋଗାଣ କରିଥାଏ । ଏହା ଭୂମିଜାତ ପ୍ରୋଟିନ୍ ଯୋଗାଣକୁ ବୃଦ୍ଧି କରିବାରେ ସହାୟକ ହୁଏ । କିନ୍ତୁ ବିଶ୍ୱର ଲୋକସଂଖ୍ୟା ବୃଦ୍ଧି କାରଣରୁ ସମୁଦ୍ର ଯେତିକି ପ୍ରୋଟିନ୍ ଯୋଗାଉଛି ତା'ଠାରୁ ଅଧିକ ପ୍ରୋଟିନ୍ ଦରକାର କରିଥାଏ ମନୁଷ୍ୟ । ସମୁଦ୍ର ଯୋଗାଉଥିବା ପ୍ରୋଟିନ୍ ବହୁତ ବେଶି ମାତ୍ର ଅଫୁରନ୍ତ ନୁହେଁ, ତେଣୁ ଏହା ସରିଯିବାର ବିପଦ ରହିଛି । ଏଣୁ ମନୁଷ୍ୟକୁ ସମୁଦ୍ର-ଚାଷ ପରି କୌଣସି ଉପାୟ କରି ଯଥେଷ୍ଟ ପରିମାଣରେ ଯୋଗାଣକୁ ଚାଲୁ ରଖିବା ନିମନ୍ତେ ପଦକ୍ଷେପ ନେବାକୁ ହେବ ।

ଲଘୁ ସ୍ତରରେ ପୋଖରୀ ଓ ହ୍ରଦ ଆଦିରେ ଆଗରୁ ସଫଳତାପୂର୍ବକ ମାଛଚାଷ କରାଯାଇଛି । ବିଶେଷ ଭାବରେ ଜଳ-ବିଦ୍ୟୁତ ପ୍ରକଳ୍ପ ନିମନ୍ତେ ନିର୍ମିତ ବନ୍ଧ ଯୋଗୁଁ ତିଆରି ହୋଇଥିବା କୃତ୍ରିମ ହ୍ରଦରେ ଏହା କରାଯାଇଛି । ମଧୁର ଜଳର ପୋଖରୀ ଜାତ ମାଛ ପ୍ରୋଟିନ୍ ଯୋଗାଣରେ ଆଗରୁ ବୃଦ୍ଧି ଘଟିସାରିଛି । ଏଥିମଧ୍ୟରୁ କେତେକର ବିକାଶ ଗ୍ରାମୀଣ ସଂପ୍ରଦାୟରେ କୃଷି ଅଧିକାରୀଙ୍କ ସାହାଯ୍ୟ ଓ ତତ୍ତ୍ୱାବଧାନରେ ଘଟିଛି ।

ଥରେ ଛୋଟ ଛୋଟ ମାଛରେ ପୋଖରୀ ଭର୍ତ୍ତି ହେଇଗଲେ, ମାଛଙ୍କ ବୃଦ୍ଧି ପାଇଁ ସୁସ୍ଥ ବାତାବରଣ ଦେବା ଏବଂ ସେମାନଙ୍କୁ ଯଥେଷ୍ଟ ପରିମାଣରେ ଖାଦ୍ୟ ଯୋଗାଇ ଦିଆଯାଉଛି କି ନାହିଁ ଦେଖିବା ଖୁବ୍ ସହଜ । ଅତି କ୍ଷୁଦ୍ର ଜଳଜ ଉଦ୍ଭିଦ ଓ କୀଟ ଯାହା ପ୍ରଚୁର ପରିମାଣରେ ପାଣିରେ ଭାସୁଥାଏ ତାହା ପ୍ଲାଙ୍କଟନ୍ ଓ ଜଳଜୀବଙ୍କର ମୁଖ୍ୟ ଖାଦ୍ୟ । ଛୋଟ ମାଛ ଏହାକୁ ଖାଇ ବଢ଼ିଥାନ୍ତି ଓ ବଡ଼ମାଛଙ୍କର ଖାଦ୍ୟରେ ପରିଣତ ହୁଅନ୍ତି । ଯେହେତୁ ପ୍ଲାଙ୍କଟନ୍ ନିଜର ବୃଦ୍ଧି ନିମନ୍ତେ ପାଣିରେ ଥିବା କିଛି ନିର୍ଦ୍ଦିଷ୍ଟ ଖଣିଜ ପଦାର୍ଥ ଉପରେ ନିର୍ଭର କରେ, ତେଣୁ ପାଣିରେ ସାରର ମାତ୍ରା ବଢ଼ାଇ ପ୍ଲାଙ୍କଟନ୍‌ର ପରିମାଣ ବୃଦ୍ଧି କରାଯାଇପାରେ ।

ସମୁଦ୍ର ଚାଷ ବାସ୍ତବରେ କରାଯାଇପାରେ ଓ ଏହା ଲାଭଦାୟକ ହୋଇପାରେ ମାତ୍ର ଏଥି ପୂର୍ବରୁ କେତେକ ସମସ୍ୟାର ସମାଧାନ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ସମୁଦ୍ରର ଏକ ଅଂଶକୁ ସାର ପ୍ରୟୋଗ ଦ୍ୱାରା ଉର୍ବର କରିବାର କୌଣସି ମାନେ ହୁଏନାହିଁ, ଯଦି ସମୁଦ୍ରର ସ୍ରୋତ ଏହି ସାରକୁ ମାଇଲ୍ ମାଇଲ୍ ଦୂରକୁ ଅଦରକାରୀ ପାଣି ପର୍ଯ୍ୟନ୍ତ ବୋହିନିଏ । ଯଦି ମାଛଚାଷୀ ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳ ମଧ୍ୟରେ ସାରକୁ ସୀମିତ ରଖିପାରେ ତଥାପି ତା'କୁ ତା'ର ସାର ଖାଇ ବଢ଼ିଥିବା ମାଛକୁ 'ତା' ଅଂଚଳ' ମଧ୍ୟରେ ରଖିବାର ଉପାୟ ଖୋଜିବାକୁ ପଡ଼ିବ । ସେ କରିଥିବା ଖର୍ଚ୍ଚରୁ ଅଧିକତମ ଲାଭ ପାଇବାପାଇଁ ତାକୁ ଏକ ଉପାୟ ଖୋଜିବାକୁ ପଡ଼ିବ ଯାହାଦ୍ୱାରା ସେ ଖୋଇବାକୁ ଚାହୁଁଥିବା ମାଛକୁ ସେହି ଖାଦ୍ୟ ମିଳିପାରିବ । ପାଣିରୁ ଅସଂଖ୍ୟ ଅଖାଦ୍ୟ ଜଳଜୀବକୁ (ଉଇଡ୍) ବାହାର କରିବାକୁ ହେବ ଯାହା ସାମୁଦ୍ରିକ ଖାଦ୍ୟ ସହିତ ତା' ମାଛକୁ ବି ଖାଇଦିଅନ୍ତି ।

ନିଃସନ୍ଦେହରେ ଏ ସମସ୍ତ ସମସ୍ୟାର ସମାଧାନ ସହଜ ନୁହେଁ । ବିଶେଷତଃ ଆମେ ଯେତେବେଳେ ଜାଣନ୍ତି ସମୁଦ୍ରର ବିଶାଳତା ଯାହା ପୃଥିବୀ ପୃଷ୍ଠର ପ୍ରାୟ ତିନି-ଚତୁର୍ଥାଂଶ ଘେରିରହିଛି । ପୋଖରୀ ଓ କିଛି ହ୍ରଦ ତୁଳନାରେ ସମୁଦ୍ର ପାଣି ନିରନ୍ତର ସ୍ରୋତ ଯୋଗୁଁ ଗତିଶୀଳ । ମୋଟାମୋଟି ସମସ୍ୟାଗୁଡ଼ିକର ସମାଧାନ କ୍ରମଶଃ ହେଇଯିବ । ଅଦୂର ଭବିଷ୍ୟତରେ ମନୁଷ୍ୟ ଛୋଟ ଆକାରରେ ଅଗଭୀର ଉପତଟର ଉପାଞ୍ଚଳରେ ମତ୍ସ୍ୟଚାଷ ଆରମ୍ଭ କରିପାରେ । ତା' ମାଛର ଖାଦ୍ୟକୁ କମାଇ ଦେଉଥିବା ଅଦରକାରୀ ଜଳଜୀବକୁ ବାହାର କରି ଦରକାର ଅନୁଯାୟୀ ସେ ଅଂଚଳରେ ସାର ପ୍ରୟୋଗ କରି ସେ ଗୋଟିଏ କ୍ଷେତ୍ରରେ ଏକ ନର୍ଦ୍ଦିଷ୍ଟ ପ୍ରକାରର ମାଛ ଚାଷ କରିପାରେ । ଶେଷରେ ଥରକୁ ଥର ପୂର୍ଣ୍ଣରୂପରେ ବଢ଼ି ଯାଇଥିବା ମାଛ ଫସଲ ଉତ୍ପାଦନ କରିପାରିବ ।

ପ୍ରଶ୍ନାବଳୀ :

(a) ଶିକାରଠାରୁ କୃଷି କେଉଁ ଦୃଷ୍ଟିରୁ ଉନ୍ନତ ଏବଂ ଭବିଷ୍ୟତରେ ସମୁଦ୍ର-ଚାଷର କି ପ୍ରୟୋଜନ ରହିଛି ? 12

(b) ମତ୍ସ୍ୟଚାଷରେ ସାରର ଭୂମିକା କ'ଣ ? 12

(c) ସମୁଦ୍ରର କେଉଁ ଅଂଶରେ ମତ୍ସ୍ୟଚାଷ ଆରମ୍ଭ କରାଯାଇପାରେ ? 12

(d) 'ଡ୍ରିଡ଼ିଂ' ଶବ୍ଦରୁ ଆପଣ କ'ଣ ବୁଝୁଛନ୍ତି ? 12

(e) ଭବିଷ୍ୟତରେ ସମୁଦ୍ର-ଚାଷଜନିତ ସମସ୍ୟାର ସମାଧାନ କିପରି ହୋଇପାରେ ? 12

**3.** ନିମ୍ନଲିଖିତ ଗଦ୍ୟାଂଶଟିର ସଂକ୍ଷିପ୍ତସାର ଏକ-ତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ। ଏହି ଗଦ୍ୟାଂଶର ନାମ ଦେବା ଅନାବଶ୍ୟକ। ସାରାଂଶଟିକୁ ନିଜ ଭାଷାରେ ଲେଖ : 60

ଭାରତର ଗ୍ରାମୀଣ ଲୋକସଂଖ୍ୟା ବିଶାଳ। ସେମାନଙ୍କର ସାମାଜିକ-ଆର୍ଥନୀତିକ ସ୍ଥିତି ଏବଂ ସେମାନଙ୍କ ଜୀବନ ବଂଚିବାର ମାନର ସାମଗ୍ରିକ ବିକାଶ ଗ୍ରାମୀଣ ଅନ୍ତର୍ଗଠନ ଦୃଷ୍ଟିରୁ ହେବା ଆବଶ୍ୟକ। ଯାହାଫଳରେ ଦୀର୍ଘକାଳରୁ ଥିବା ଲକ୍ଷ୍ୟର ସମାନ ଓ ସବୁଦିଗରୁ ବିକାଶ କରାଯାଇପାରିବ। ଗ୍ରାମୀଣ ଅନ୍ତର୍ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ପାନୀୟ ଜଳ ବ୍ୟବସ୍ଥା। ପାଣି ନିଃସନ୍ଦେହରେ ଏକ ଗୁରୁତ୍ୱପୂର୍ଣ୍ଣ ଲୋକସଂପଦ। ଲୋକମାନଙ୍କର ଆବଶ୍ୟକତା ପୂର୍ଣ୍ଣ କରିବା ନିମନ୍ତେ ଜଳ ସଂରଚନା ନିର୍ମାଣ ପାଇଁ ସାର୍ବଜନିକ ଅର୍ଥ ବିନିଯୋଗ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଏକ ଜଳସଂପନ୍ନ ରାଷ୍ଟ୍ର କେବଳ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ତା'ର ନାଗରିକଙ୍କୁ ଯୋଗାଏ ନାହିଁ ଅପରନ୍ତୁ ଏକ ସୁସ୍ଥ ଏବଂ ଅର୍ଥନୀତି ଦୃଷ୍ଟିରୁ ଏକ ଉତ୍ପାଦନକ୍ଷମ ସମାଜ ସୁନିଶ୍ଚିତ କରେ। ସେ ଯାହା ହେଉ ଭାରତର ବିଶାଳ ଗ୍ରାମୀଣ ଜନସମୁଦାୟର ପାନୀୟ ଜଳର ଆବଶ୍ୟକତାକୁ ପୂର୍ଣ୍ଣ କରିବା ଏକ କଠିନ କାର୍ଯ୍ୟ। କାରଣ ହେଉଛି, ନିର୍ମିତ ଜଳଯୋଗାଣ ବ୍ୟବସ୍ଥାର ସାମର୍ଥ୍ୟର ଅଭାବ, ସାମାଜିକ-ଆର୍ଥନୀତିକ ବିକାଶର ନିମ୍ନମାନ, ଶିକ୍ଷାର ଅଭାବ ଏବଂ ପାଣି ପାଇବା ଓ ଏହାର ଉପଯୋଗ କରିବା ସମ୍ବନ୍ଧିତ ଜ୍ଞାନର ଅଭାବ।

ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁସାରେ ପ୍ରତ୍ୟେକ ରାଜ୍ୟ ସାର୍ବଜନିକ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ନିରାପଦ ପାଣି ଯୋଗାଇବାକୁ ବାଧ୍ୟ। ପରିଷ୍କାର ପାନୀୟ ଜଳର ବ୍ୟବସ୍ଥା ରୋଗ ଏବଂ ମାରାତ୍ମକତା ହ୍ରାସ କରେ ଏବଂ ଦେଶର କୋଟି କୋଟି ଲୋକଙ୍କର ସାମଗ୍ରିକ ସ୍ୱାସ୍ଥ୍ୟର ବିକାଶରେ ସହାୟକ ହୁଏ।

ଦୀର୍ଘସ୍ଥାୟୀ ଜଳଯୋଗାଣ ବ୍ୟବସ୍ଥା ଉପଲବ୍ଧ କରିବାର ନିଶ୍ଚିତତା ଓ ସ୍ୱଚ୍ଛତା ବିଷୟର ଆବଶ୍ୟକତା ଉପରେ ବହନକ୍ଷମ ଉନ୍ନୟନ ବ୍ୟବସ୍ଥା ଗୁରୁତ୍ୱ ପ୍ରଦାନ କରେ। ଗୋଟେ ଦୃଷ୍ଟିରୁ ଏହାର ଉଦ୍ଦେଶ୍ୟ 'ଜଣେ ବି କେହି ବାଦ୍ ନ ଯାଉ' ଅର୍ଥାତ୍ ସମସ୍ତେ ସ୍ୱଚ୍ଛ ପାଣି ପାଆନ୍ତୁ, ଯାହାକି ଏ ବର୍ଷର 'ବିଶ୍ୱ ଜଳ ଦିବସ'ର ବିଷୟ ବି ଥିଲା। ଏହା ମାର୍ଚ୍ଚମାସ ୨୨ ତାରିଖରେ ପାଳିତ ହୋଇଥିଲା।

ସରକାର ଗ୍ରାମୀଣ ଲୋକଙ୍କ ନିମନ୍ତେ ନିରାପଦ ପାନୀୟ ଜଳ ଉପଲବ୍ଧ କରିବା ଉପରେ ଦୃଷ୍ଟି ଦେଉଛନ୍ତି। ଏହି କ୍ଷେତ୍ରଟି ସମ୍ମୁଖୀନ ହେଉଥିବା ବିଭିନ୍ନ ଚାଲେଞ୍ଜର ସମାଧାନ ଦିଗରେ ବିଭିନ୍ନ ସମୟରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ଗ୍ରାମରେ ପାନୀୟ ଜଳ ଯୋଗାଣ ସ୍କିମ ଏବଂ ମାଟିତଳ ପାଣି ପୁନର୍ଭରଣ ନିମନ୍ତେ ନାନା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଏହାର କାର୍ଯ୍ୟକାରିତା ଓ ବ୍ୟବସ୍ଥାପନା ଦିଗ ଆଦି ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଛି। ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରୁ ବର୍ଷାପାଣି ସଂରକ୍ଷଣ ବ୍ୟବସ୍ଥା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ସହାୟକ ହୋଇପାରେ।

ସରକାର କୃତ୍ରିମ ପୁନର୍ଭରଣ ଏବଂ ବର୍ଷାପାଣି ସଂରକ୍ଷଣ ନିମନ୍ତେ ଆବଶ୍ୟକୀୟ ଭିତ୍ତି ନିର୍ମାଣ ସଂପର୍କିତ ମାଷ୍ଟର ପ୍ଲାନ ଉପରେ କାର୍ଯ୍ୟ କରୁଛି। ଭାରତରେ ଏପରି ସଫଳତାର କାହାଣୀ ପ୍ରଚୁର ପରିମାଣରେ ଅଛି, ଯେଉଁ ସଫଳତା ଆମର ପ୍ରାଚୀନ ପାରଂପରିକ ଜ୍ଞାନ ଓ ପ୍ରଜ୍ଞାରୁ ଗୃହୀତ। ୨୦୦୧ ମସିହାରେ ତାମିଲନାଡୁ ସରକାର ପ୍ରତ୍ୟେକ ଘର-ନିମନ୍ତେ ବର୍ଷାପାଣି ସଂରକ୍ଷଣଜନିତ ଗଠନକୁ ବାଧ୍ୟବାଧକତା କରିଦେଲେ। ସମାନ ପରୀକ୍ଷା ବାଙ୍ଗାଲୋର ଏବଂ ପୁନେ ସହରରେ ଚେଷ୍ଟା କରାଯାଇଛି ଯେଉଁଠାରେ ହାଉସିଂ ସୋସାଇଟି ବର୍ଷା ପାଣି ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରିବାକୁ ବାଧ୍ୟ। ଅନ୍ୟ ରାଜ୍ୟରେ ମଧ୍ୟ ଏ ପ୍ରକାର ଏକାଧିକ ପଦକ୍ଷେପ ନିଆଯାଇଛି।

ଭୂତଳ ଜଳର ଅତ୍ୟଧିକ ଉପଯୋଗ ଭାରତରେ ଏକ ବୃହତ୍ ଉଦ୍‌ବେଗଜନକ ସମସ୍ୟା। ଏହାକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଦ୍ୱାରା ନିୟମ ତିଆରି ହେବାର ଆବଶ୍ୟକତା ଅଛି। ଅତ୍ୟଧିକ ପ୍ରଭାବିତ ଅଂଚଳରେ ମାତ୍ରାଧିକ କୂପ ଖନନ ଉପରେ ପ୍ରତିବନ୍ଧକ

ଲାଗୁହେବା ଆବଶ୍ୟକ। ପାନୀୟ ଜଳ ଯୋଗାଣ ସ୍କିମ୍‌କୁ କାର୍ଯ୍ୟକାରୀ ଅବସ୍ଥାରେ ରଖିବା ପାଇଁ ପଞ୍ଚାୟତୀରାଜ ସଂସ୍ଥାଗୁଡ଼ିକ ଅଧିକ ଭାଗ ନେବା ଆବଶ୍ୟକ। ବର୍ତ୍ତମାନ ପଞ୍ଚାୟତୀରାଜ ସଂସ୍ଥାଗୁଡ଼ିକର ଭୂମିକା ଅତି ଗୌଣ। ଗ୍ରାମୀଣ ଜନସମୁଦାୟ, ଅଣସରକାରୀ ସଂସ୍ଥା ଏବଂ ସରକାରଙ୍କର ସୁବିଧାଦାତା ଓ କୋ-ଫିନାନ୍ସରର ମିଳିତ କାର୍ଯ୍ୟ ସଫଳ ହୋଇଛି। ଆମେ ମନେ ରଖିବା ପ୍ରୟୋଜନ ଯେ ଗ୍ରାମାଞ୍ଚଳରେ ପାନୀୟ ଜଳର ଉପଲବ୍ଧତା ଓ ମିଳିବା ବ୍ୟବସ୍ଥାକୁ ପ୍ରଶସ୍ତ କରିବା ନିମନ୍ତେ ଗ୍ରାମୀଣ ଜନସମୁଦାୟଙ୍କର ସକ୍ରିୟ ସହଯୋଗ ଆବଶ୍ୟକ। ବିଚାରଶୀଳ ଭାବରେ ପାଣିର ସଂରକ୍ଷଣ ଓ ଉପଯୋଗ ନିମନ୍ତେ ଆମକୁ ପ୍ରତ୍ୟେକ ସ୍ତରରେ ଚେଷ୍ଟା କରିବାକୁ ହେବ।

ଜନସାଧାରଣଙ୍କର ସଂପୃକ୍ତି, ସଂଚାଳନ ଓ ବ୍ୟବସ୍ଥାପନା ଆର୍ଥିକ ବିକାଶ କ୍ଷମତାକୁ ବୃଦ୍ଧି କରେ। ଉନ୍ନତତର ମରାମତି ତଥା ଜନ-ସାଧାରଣଙ୍କର ନିଜର ଭାବ ଯୋଗୁଁ ଯେଉଁ ବ୍ୟବସ୍ଥାଗୁଡ଼ିକ ନିର୍ମିତ ହୋଇଛି ତା'ର ଆୟୁକାଳ ବୃଦ୍ଧି ଘଟେ। ଏହି ଜନସାଧାରଣଙ୍କର ପାନୀୟ ଜଳ ଉତ୍ସ ନିକଟବର୍ତ୍ତୀ ସ୍ଥାନର ସ୍ୱାସ୍ଥ୍ୟ ବିଧି ରକ୍ଷା କରିବାରେ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହେ ତା' ନୁହେଁ ପାଣି ସଂଗୃହୀତ ଓ ଗଚ୍ଛିତ ତଥା ତା'ର ସଂଗ୍ରହ, ଜମା ଓ ପ୍ରୟୋଗ ସମୟର ସଂକ୍ରମଣକୁ ଏଡ଼ାଇବାର ଯେଉଁ ଉପାୟ ଓ ବିଧି ପାଳନ କରାଯାଉଛି ତା'ର ବିକାଶରେ ମଧ୍ୟ ରହେ।

ଗ୍ରାମାଞ୍ଚଳରେ ଏହି ଯୋଜନାର ପ୍ରଭାବପୂର୍ଣ୍ଣ ପ୍ରୟୋଗ ନିମନ୍ତେ ଜନସାଧାରଣଙ୍କର ପଞ୍ଚାୟତୀରାଜ ସଂସ୍ଥା, ଆତ୍ମସହାୟକ ଗୋଷ୍ଠୀ ଏବଂ ସମବାୟ ସଂସ୍ଥାର ସକ୍ରିୟ ଯୋଗଦାନ ଦାବୀ କରେ, ଯାହାଫଳରେ ଏକ ଦୀର୍ଘମିଆଦି ସମାଧାନରେ ପହଞ୍ଚିହେବ ଏବଂ ୨୦୩୦ ମଧ୍ୟରେ 'ପ୍ରତି ଘରକୁ ପାଣି'କୁ ବାସ୍ତବରେ ରୂପାୟିତ କରାଯାଇପାରିବ।

**4.** ନିମ୍ନ ପରିଚ୍ଛେଦଟିକୁ ଇଂରାଜୀରେ ଅନୁବାଦ କର : 20

ଯେତେବେଳେ କୌଣସି ବ୍ୟକ୍ତି ନିଜେ ନିଜର ବିଚାର କରେ ସେତେବେଳେ ଭୁଲ୍ ହୋଇଯାଇପାରେ। ସେ କେବଳ ନିଜର ଉଦ୍ଦେଶ୍ୟକୁ ହିଁ ଦେଖିଥାଏ। ଅଧିକାଂଶ ଲୋକଙ୍କର ଭଲ ଉଦ୍ଦେଶ୍ୟ ଥାଏ, ତେଣୁ ସେମାନେ ଧରିନିଅନ୍ତି ଯେ ସେମାନେ ଯାହା କରୁଛନ୍ତି ତା'ର ପରିଣାମ ଭଲ ହେବ। କୌଣସି ବ୍ୟକ୍ତି ପକ୍ଷରେ ନିଜ କାର୍ଯ୍ୟର ନିରପେକ୍ଷ ବିଚାର ସମ୍ଭବ ନୁହେଁ। ଏହା ହୋଇପାରେ ଏବଂ ଅନେକ ସମୟରେ ହୋଇଥାଏ ମଧ୍ୟ ଯେ ତାଙ୍କର ଭଲ ଉଦ୍ଦେଶ୍ୟ ବିରୋଧାତ୍ମକ ମନେ ହୁଏ। ଅଧିକାଂଶ ଲୋକ କାମଟି କରିବା ଉଦ୍ଦେଶ୍ୟରେ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଯାହା ତାଙ୍କୁ ସୁବିଧାଜନକ ମନେ ହୁଏ ସେଇଭାବେ କାମ କରନ୍ତି ଏବଂ ସନ୍ଧ୍ୟାରେ ସନ୍ତୋଷର ସହ ଘରକୁ ଫେରନ୍ତି। ସେମାନେ ତାଙ୍କ କାର୍ଯ୍ୟର ମୂଲ୍ୟାୟନ କରନ୍ତି ନାହିଁ, କେବଳ ତାଙ୍କର ଉଦ୍ଦେଶ୍ୟର ମୂଲ୍ୟାୟନ କରନ୍ତି। ଏହା ଧରି ନିଆଯାଏ ଯେ ଯେହେତୁ ଜଣେ ବ୍ୟକ୍ତି ଠିକ୍ ସମୟରେ କାର୍ଯ୍ୟଟି ସଂପନ୍ନ କରିବା ଉଦ୍ଦେଶ୍ୟରେ କାମ କରିଥାଏ ଏବଂ ତା'ପରେ ବି ଯଦି ଏଥିରେ ବିଳମ୍ବ ଘଟେ ତେବେ ତାହା ତା'ର ସାମର୍ଥ୍ୟ ବାହାରେ ହୋଇଥିବା କାରଣରୁ। କାମ ବିଳମ୍ବ କରିବାର ତା'ର କୌଣସି ଉଦ୍ଦେଶ୍ୟ ନଥିଲା। କିନ୍ତୁ ଯଦି ତା'ର କାର୍ଯ୍ୟ ନକରିବା ବା କରିବା ଯୋଗୁଁ ବିଳମ୍ବ ଘଟିଥାଏ, ତେବେ ତାହା ଉଦ୍ଦେଶ୍ୟମୂଳକ ନୁହେଁ କି ?

ସମସ୍ୟା ଏଇ ଯେ ଆମେ ଅନେକ ସମୟରେ ଜୀବନ ସହିତ ଯୁଝିବା ପରିବର୍ତ୍ତେ ଏହାର ବିଶ୍ଳେଷଣ କରିଥାଉ। ମନୁଷ୍ୟ ନିଜ ବିଫଳତାର କାରଣ ଓ ପ୍ରଭାବର ତନ୍ନତନ୍ନ ଆଲୋଚନା କରିଥାଏ। କିନ୍ତୁ କ୍ୱଚିତ୍ ଏଥିରୁ ଅଭିଜ୍ଞତା ଲାଭ କରି ତା' ଉପରେ ବିଜୟ ହାସଲ କରନ୍ତି, ଯାହା ଫଳରେ ଆଉଥରେ ଏପରି ଘଟିବାକୁ ଏଡ଼ାଇ ଦିଆଯାଇପାରେ। ଅସୁବିଧା ଓ ସମସ୍ୟା ମାଧ୍ୟମରେ ଈଶ୍ୱର ଆମକୁ ସମୃଦ୍ଧ ହେବାର ସୁଯୋଗ ଦିଅନ୍ତି। ତେଣୁ ଯେତେବେଳେ ତୁମର ଆଶା, ସ୍ୱପ୍ନ ଓ ଲକ୍ଷ୍ୟ ବାଧାପ୍ରାପ୍ତ ହୁଏ ଓ ଧ୍ୱଂସ ବିଧ୍ୱଂସ ହେଇଯାଏ ସେତେବେଳେ ସେ ଭଂଗାରୁଜା ମଧ୍ୟରୁ ଅନ୍ୱେଷଣ କର, ସେଇ ଧ୍ୱଂସସ୍ତୂପ ମଧ୍ୟରେ ଲୁକ୍କାୟିତ ସୁବର୍ଣ୍ଣ ସୁଯୋଗର ସନ୍ଧାନ ପାଇପାରିବ। ଲୋକଙ୍କୁ ଉଦ୍‌ବୋଧିତ କରିବା, ସେମାନଙ୍କ କର୍ମକ୍ଷମତାକୁ ବୃଦ୍ଧି କରିବା ଏବଂ ତାଙ୍କୁ ନୈରାଶ୍ୟରୁ ଉଠାଇ ଆଣିବା ସର୍ବଦା ଏକ ଚାଲେଞ୍ଜ। ନେତାମାନେ ବିରୋଧତା ଓ ଗ୍ରହଣଶୀଳତା ମଧ୍ୟରେ ଏକ ପଥ ସନ୍ଧାନ କରିନିଅନ୍ତି।

**5.** ନିମ୍ନ ପରିଚ୍ଛେଦଟିକୁ ଓଡ଼ିଆରେ ଅନୁବାଦ କର : 20

Freedom has assuredly given us a new status and new opportunities. But it also implies that we should discard selfishness, laziness and all narrowness of outlook. Our freedom suggests toil and the creation of new values for old ones. We should so discipline ourselves as to be able to discharge our responsibilities satisfactorily. If there is any one thing that needs to be stressed, it is that we should put in action our full capacity, each one of us in productive effort—each one of us in his own sphere, however, humble. Work, unceasing work, should now be our watchword.

Work is wealth, and service is happiness. The greatest crime today is idleness. If we root out idleness, all our difficulties, including even conflicts, will gradually disappear. Whether as constable or high official of the state, whether as businessmen or industrialist, artisan or farmer, each one is discharging the obligation to the state, and making a contribution to the welfare of the country. Honest work is the anchor to which we should cling if we want to be saved from danger or difficulty. It is the fundamental law of progress.

**6.** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ : 40

*(a)* ବ୍ୟାସବାକ୍ୟ ସହ ସମାସର ନାମ ଲେଖ : 2×4=8

*(i)* ବାଇଶି ପାହାଚ

*(ii)* ଦହିଚୂଡ଼ା

*(iii)* ଶୋକାର୍ତ୍ତ

*(iv)* ଜଳଦ

*(b)* ନିମ୍ନ ପ୍ରୟୋଗଗୁଡ଼ିକର ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର : 2×4=8

*(i)* ଆପଣା ସୁନା ଭେଣ୍ଡି

*(ii)* ତିନି ପାଞ୍ଚିରୁ ଯିବା

*(iii)* ଛେନାରୁ ଚୋପା ଛଡ଼େଇବା

*(iv)* ଦୀପତଳ ଅନ୍ଧାର

*(c)* ସନ୍ଧିବିଚ୍ଛେଦ କର : 2×4=8

*(i)* ନ୍ୟୂନ

*(ii)* କିମ୍ବା

*(iii)* ଉଦ୍ଧତ

*(iv)* ମାତ୍ରାଦେଶ

*(d)* ଭ୍ରମ ସଂଶୋଧନ କର : 2×4=8

*(i)* ମୁର୍ଖ

*(ii)* ରୋହି

*(iii)* ଉହ୍ୟ

*(iv)* ଅପରାହ୍ନ

*(e)* ନିମ୍ନ ବାକ୍ୟଗୁଡ଼ିକରେ ଥିବା ବିଶେଷ୍ୟ ପଦକୁ ଚିହ୍ନାଇ ଦିଅ : 2×4=8

*(i)* ରାମଚନ୍ଦ୍ର ପୁରୁଷୋତ୍ତମ ଥିଲେ ।

*(ii)* ଶ୍ରବଣେନ୍ଦ୍ରିୟରେ ସମସ୍ୟା ଅଛି ।

*(iii)* ରାତିରେ ତାରା ଉଜ୍ଜ୍ୱଳ ଦିଶେ ।

*(iv)* ନୃତ୍ୟ ଏକ ତପସ୍ୟା ।

★★★